# NATIONAL NEWS BULLETIN (ODIA)

## 2 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ୫ଟି ରାଷ୍ଟ୍ର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ଆମେରିକା ପ୍ରତିରକ୍ଷା ସଚିବଙ୍କ ସହ ପେଣ୍ଟାଗନ୍‌ଠାରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା
- କୈଳାସ ମାନସରୋବର ଯାତ୍ରା ଶେଷକରି ଗ୍ୟାଙ୍ଗଟକ୍ ପ୍ରତ୍ୟାବର୍ତ୍ତନ କଲେ ପ୍ରଥମ ତୀର୍ଥଯାତ୍ରୀ ଦଳ
- ମହିଳା କ୍ରିକେଟ୍ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡକୁ ୨୪ ରନ୍‌ରେ ପରାସ୍ତ କଲା ଭାରତ

ଏବଂ

- ଦେଶର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

# ଏମ୍‌ଇଏ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଠାରୁ ପାଞ୍ଚଟି ରାଷ୍ଟ୍ର ଗସ୍ତରେ ଯିବେ । ସେହି ରାଷ୍ଟ୍ର ଗୁଡ଼ିକ ହେଉଛି – ଘାନା, ତ୍ରିନିଦାଦ ଓ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ୍ ଏବଂ ନାମିବିୟା ।

ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଘାନାକୁ ଯିବେ । ସେଠାରେ ଘାନାର ରାଷ୍ଟ୍ରପତିଙ୍କ ସହିତ ଦ୍ୱିପାକ୍ଷିକ ଅର୍ଥନୈତିକ, ଶକ୍ତି ଓ ପ୍ରତିରକ୍ଷା ସହଯୋଗ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାଗିଦାରିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ସେ ଆଲୋଚନା କରିବେ । ଏହାପରେ ୩ ତାରିଖ ଦିନ ଶ୍ରୀ ମୋଦୀ ତ୍ରିନିଦାଦ ଓ ଟୋବାଗୋ ଗସ୍ତରେ ଯିବେ । ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସର୍‌ଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେଠାକାର ଯୁଗ୍ମ ସଂସଦୀୟ ଅଧିବେଶନରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୪ ତାରିଖ ଦିନ ଆର୍ଜେଣ୍ଟିନାରେ ପହଞ୍ଚିବେ । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ମିଲେଇଙ୍କ ସହ ପ୍ରତିରକ୍ଷା, କୃଷି, ଖଣି ଖନନ, ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ୫ ତାରିଖରେ ବ୍ରାଜିଲ୍‌ରେ ପହଞ୍ଚିବେ । ବ୍ରାଜିଲ୍‌ର ରିଓ-ଡି-ଜେନେରିଓ ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ୮ ତାରିଖ ପର୍ଯ୍ୟନ୍ତ ରହଣି ଅବସରରେ

ଶାନ୍ତି, ସୁରକ୍ଷା, ବହୁ କ୍ଷେତ୍ରୀୟ ସଶକ୍ତିକରଣ, କୃତ୍ରିମ ବୁଦ୍ଧିମତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ, ଅର୍ଥନୈତିକ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସେଠାକାର ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ମତ ବିନିମୟ କରିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତରେ ଯିବେ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନାମିବିୟା ଗସ୍ତ । ସେଠାରେ ସେ ନାମିବିୟା ରାଷ୍ଟ୍ରପତି ନାନ୍ଦି ଏନ୍.ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର-କ୍ୱାଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ପେଣ୍ଟାଗନଠାରେ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ପ୍ରତିରକ୍ଷା ସଂପର୍କ ଓ ରଣନୈତିକ ଗୁରୁତ୍ୱ ଉପରେ ଉଭୟ ନେତା ମତ ବିନିମୟ କରିଥିଲେ । ୱାଶିଂଟନ୍‌ଠାରେ କ୍ୱାଡ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ପରେ ଏହି ଆଲୋଚନା ହୋଇଛି । ଉଭୟ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଏହା ପ୍ରତିପାଦିତ ହେଉଛି । ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ଆମେରିକା ପ୍ରତିରକ୍ଷା ସଚିବ ଆଗ୍ରହ ପ୍ରକାଶ କରିଥିଲେ । ଭାରତର ସଶସ୍ତ୍ର ବାହିନୀ ଆମେରିକା ପ୍ରତିରକ୍ଷା ପ୍ରଣାଳୀର ସମନ୍ୱୟ ଏବଂ ଶିଳ୍ପ ସହଯୋଗ ଓ ଉତ୍ପାଦନ କ୍ଷେତ୍ରରେ ସହଭାଗିତା

ନେଟ୍‌ୱର୍କ ବ୍ୟାପକ  କରିବା ଲକ୍ଷ୍ୟ ନେଇ ଉଭୟ ନେତା ମତ ବିନିମୟ କରିଛନ୍ତି ।

ଗତ ଫେବୃୟାରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଅବସରରେ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ସହିତ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଭାଗିତା ନେଇ ଏକ ନୂତନ ୧୦ବର୍ଷୀୟ ଚୁକ୍ତି ସ୍ୱାକ୍ଷର କରିବା ସଂପର୍କରେ ସହମତ ହୋଇଥିଲେ ।

# ମିଶ୍ରି-ମରିସସ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି' ମରିସସ୍ ଗସ୍ତ ଅବସରରେ ସେଠାକାର ଶୀର୍ଷ ନେତୃବୃନ୍ଦଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ରାଷ୍ଟ୍ରପତି ଧରମବୀର ଗୋଖୁଲ୍, ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମ, ଉପପ୍ରଧାନମନ୍ତ୍ରୀ ପଲ୍ ବେରେଙ୍ଗର, ବୈଦେଶିକ ମନ୍ତ୍ରୀ ଧନଞ୍ଜୟ ରାମଫଲଙ୍କ ସହିତ ଅନ୍ୟ ନେତୃବର୍ଗ ଏବଂ ଅଧିକାରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ମରିସସ୍‌ର ପ୍ରଧାନମନ୍ତ୍ରୀଙ୍କ ସହ ଶ୍ରୀ ମିଶ୍ରି ଦ୍ୱିପାକ୍ଷିକ ସହଯୋଗ ପରିସର ବୃଦ୍ଧି ନେଇ ଆଲୋଚନା କରିଛନ୍ତି । ମରିସସ୍‌ର ବିକାଶ ଏବଂ ସମୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଶ୍ରୀ ମିଶ୍ରି ଆଲୋଚନା ସମୟରେ ଦୋହରାଇଥିଲେ । ନିଶା ନିବାରଣ ଏବଂ ସାମାଜିକ ସମସ୍ୟା ନେଇ ମରିସସ୍ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ଭାରତର ସହଯୋଗ ସଂପର୍କରେ ଶ୍ରୀ ମିଶ୍ରି ବୈଦେଶିକ ମନ୍ତ୍ରୀ ରାମଫଲଙ୍କ ସହ ମତ ବିନିମୟ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଶ୍ରୀ ମିଶ୍ରିଙ୍କର ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ମତ ବିନିମୟର ଏକ ଅଂଶ ଏବଂ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ନେଇ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ସିବିଆଇ-ଡକ୍ଟର୍ସ

ଲାଞ୍ଚ ନେଇ ମିଥ୍ୟା ରିପୋର୍ଟ ପ୍ରଦାନ କରିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ -ସିବିଆଇ ୬ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର ରହିଛନ୍ତି । ଏ ସଂକ୍ରାନ୍ତ ଅଭିଯୋଗ ନେଇ ଛତିଶଗଡ଼ର ନବରାୟପୁରର ଶ୍ରୀରାଓ୍ୱତପୁରା ସରକାର ମେଡ଼ିକାଲ କଲେଜ ଏବଂ ଗବେଷଣା ପ୍ରତିଷ୍ଠାନର ପଦାଧିକାରୀଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଥିଲା । ଡାକ୍ତର ଏବଂ ଅନ୍ୟ ମଧ୍ୟସ୍ଥିଙ୍କ ସହଯୋଗରେ ଲାଞ୍ଚ ବଦଳରେ ରିପୋର୍ଟ ପ୍ରସ୍ତୁତ କରିବା ସଂକ୍ରାନ୍ତ ଅଭିଯୋଗ ଆଧାରରେ ସିବିଆଇ ତଦନ୍ତ କରୁଛି । ଏହି ମାମଲା ସହିତ ଜଡ଼ିତ ଅଭିଯୋଗରେ ୬ଟି ରାଜ୍ୟର ୪୦ରୁ ଅଧିକ ସ୍ଥାନରେ ସିବିଆଇ ଚଢ଼ଉ କରିଛି ।

## ମାନସରୋବର ଯାତ୍ରା

କୈଳାସ ମାନସରୋବର ଯାତ୍ରା ଶେଷକରି ପ୍ରଥମ ତୀର୍ଥଯାତ୍ରୀ ଦଳ ଗତକାଲି ଗ୍ୟାଙ୍ଗଟକ୍ ଫେରିଛନ୍ତି । ଏହି ତୀର୍ଥଯାତ୍ରୀ ଦଳ ନାଥୁଲାରେ ପହଞ୍ଚିବା ପରେ ସେମାନଙ୍କର ଆବଶ୍ୟକ ଯାଞ୍ଚ କରାଯାଇ ସେରଥାଙ୍ଗକୁ ନିଆଯାଇଥିଲା । ସେଠାରେ ଏହି ତୀର୍ଥଯାତ୍ରୀ ଦଳ ଆଇଟିବିପି କର୍ତ୍ତୃପକ୍ଷଙ୍କ

ସହ ମଧ୍ୟାହ୍ନ ଭୋଜନ କରିଥିଲେ । ଏହାପରେ ସେମାନଙ୍କୁ ଗ୍ୟାଙ୍ଗଟକକୁ ନିଆଯାଇଥିଲା । ସିକିମ୍ ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ଗ୍ୟାଙ୍ଗଟକଠାରେ ଯାତ୍ରୀଙ୍କ ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ସେମାନଙ୍କୁ ଆନୁଷ୍ଠାନିକ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ଆଜି ଏହି ତୀର୍ଥଯାତ୍ରୀ ଦଳ ଗ୍ୟାଙ୍ଗଟକରୁ ପ୍ରତ୍ୟାବର୍ତ୍ତନ କରିବେ ।

## ଆମେରିକା-ମେଗାବିଲ୍

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମହତ୍ତ୍ୱାକାଂକ୍ଷୀ ବଜେଟ୍ ପ୍ରସ୍ତାବ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍' ଆମେରିକା ସିନେଟ୍‌ରେ ପାରିତ ହୋଇଛି । ଏହି ବିଲ୍ ଉପରେ ନିଆଯାଇଥିବା ମତାମତ ସମାନ ସ୍ତରରେ ରହିବାରୁ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଭୋଟ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା । ଶ୍ରୀ ଭାନ୍ସ ବିଲ୍ ସପକ୍ଷରେ ମତ ଦେଇଥିଲେ । ତେବେ ପରବର୍ତ୍ତୀ ମତ ଗ୍ରହଣ ପାଇଁ ଏହି ବିଲ୍‌ଟି ପ୍ରତିନିଧି ସଭାରେ ଉପସ୍ଥାପନ କରାଯିବ । ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଏହି ବିଲ୍‌ରେ ସୀମା ସୁରକ୍ଷା, ପ୍ରତିରକ୍ଷା ଏବଂ ଶକ୍ତି ଉତ୍ପାଦନ ପାଇଁ ବୃଦ୍ଧି କରାଯାଇଥିବା ପାଣ୍ଠି ଉପରେ ଉଲ୍ଲେଖ କରାଯାଇଛି । ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ସହାୟତା କାର୍ଯ୍ୟକ୍ରମ ପାଇଁ ରହିଥିବା କଟକଣା ପ୍ରସ୍ତାବକୁ ନେଇ ଏହି ବିଲ୍ ବିବାଦୀୟ ହୋଇପଡ଼ିଛି ।

## ହେରାପଞ୍ଚମୀ

ଶ୍ରୀକ୍ଷେତ୍ର ପୁରୀରେ ହେରାପଞ୍ଚମୀ ନୀତି ଗତକାଲି ଅନୁଷ୍ଠିତ ହୋଇଛି । ପରମ୍ପରା ଅନୁଯାୟୀ ମା' ମହାଲକ୍ଷ୍ମୀ' ମହାପ୍ରଭୁଙ୍କ ଦର୍ଶନ ନ ପାଇ ଅଭିମାନ

କରି ନନ୍ଦିଘୋଷ ରଥର କାଠ ଭାଙ୍ଗିଥିଲେ । ଏହା ପରେ ହେରାଗୋହିରୀ ସାହି ପଥ ଦେଇ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ ।  ଏହି ନୀତିକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ନବଦିନାତ୍ମକ ରଥଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହ ଜନ୍ମବେଦୀକୁ ଯାଇଥିବାରୁ ମହାଲକ୍ଷ୍ମୀ ଅଭିମାନ କରିଛନ୍ତି । ଶରଧାବାଲିଠାରେ ଥିବା ତିନିରଥଙ୍କ ଆଜି ଦକ୍ଷିଣମୋଡ ନୀତି ଅନୁଷ୍ଠିତ ହେବ ।

## ଇଣ୍ଡିଆ-ଇଂଲଣ୍ଡ ସେକେଣ୍ଡ୍ ଟେଷ୍ଟ୍

ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ବର୍ମିଂହାମ୍‌ର ଏଜ୍‌ବାଷ୍ଟୋନ୍‌ଠାରେ ଖେଳାଯିବ ।   ଚୂଡ଼ାନ୍ତ ଏକାଦଶରେ ଯଶପ୍ରୀତ୍ ବୁମ୍‌ରାଙ୍କ ସାମିଲ ହେବା ନେଇ ଅନିଶ୍ଚିତତା ରହିଛି । ଶୁଭମନ ଗିଲ୍‌ଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୫ ଓ୍ୱିକେଟ୍‌ରେ ପରାସ୍ତ ହୋଇଥିଲା ।  ଭାରତୀୟ ସମୟ ଅପରାହ୍ନ ସାଢ଼େ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

## ଓ୍ୱିମେନ୍ କ୍ରିକେଟ୍

ଭାରତ-ଇଂଲଣ୍ଡ ମହିଳା ଟି-୨୦ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ବ୍ରିଷ୍ଟୋଲ୍‌ର କାଉଣ୍ଟି ଗ୍ରାଉଣ୍ଡ୍‌ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ' ଇଂଲଣ୍ଡକୁ ୨୪ ରନ୍‌ରେ ପରାସ୍ତ କରିଛି । ଏଥିସହ ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତୀୟ ମହିଳା

ଦଳ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ବିନିମୟରେ ୧୮୧ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅମନ୍‌ଜ୍ୟୋତ କୌର ଅପରାଜିତ ୬୩ ରନ୍ ସଂଗ୍ରହ କରିଥିଲେ । ୧୮୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୭ ୱିକେଟ୍ ବିନିମୟରେ ୧୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଅମନ୍‌ଜ୍ୟୋତ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ଶୁକ୍ରବାର ଲଣ୍ଡନ୍‌ର କେନିଙ୍ଗ୍‌ଟନ୍ ଓଭାଲ୍‌ଠାରେ ଖେଳାଯିବ । ଭାରତୀୟ ସମୟ ରାତି ୧୧ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ କହିଛି, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ରାଜସ୍ଥାନ ଏବଂ ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉତ୍ତର ଏବଂ ମଧ୍ୟଭାରତରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । କୋଙ୍କଣ, ଗୋଆ, ମଧ୍ୟ-ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଅତିପ୍ରବଳ ବର୍ଷା ହୋଇପାରେ । ଅରୁଣାଚଳପ୍ରଦେଶ ଏବଂ ଓଡ଼ିଶାରେ ମଧ୍ୟ ପାଗର ସ୍ଥିତି ପୂର୍ବଭଳି ଜାରି ରହିବ ବୋଲି ପାଣିପାଗ ବିଭାଗ କହିଛି । ଆସାମ, ମେଘାଳୟ, ବିହାର, ଛତିଶଗଡ଼, କର୍ଣ୍ଣାଟକ ଉପକୂଳବର୍ତ୍ତୀ ଅଞ୍ଚଳ, ଝାଡ଼ଖଣ୍ଡ, କେରଳ ଏବଂ ମାହେ ରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ସୁବର୍ଣ୍ଣରେଖା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ବାଲେଶ୍ୱର ଜିଲ୍ଲାର ଶତାଧିକ ଗ୍ରାମ ଜଳବନ୍ଦୀ ରହିଥିବାବେଳେ ପ୍ରଭାବିତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।